Chapter- 11

# ମୃତ୍ୟୁବିଜୟୀ ବାଳକ

**STUDY NOTES**

## MIND MAP



**୧. (କ) କେଉଁ ଗୁଣାବଳୀ ପାଇଁ ନଚିକେତା ଆତ୍ମଜ୍ଞାନର ଅଧିକାରୀ ହୋଇ ପାରିଥିଲେ ?**

ଉ– ନଚିକେତା କୋମଳମତି ବାଳକ ହେଲେ ମଧ୍ୟ ଏକ ଅସାଧାରଣ ଚରିତ୍ରର ଅଧିକାରୀ ଥିଲେ । ସେ ଥିଲେ ନିଃସ୍ୱାର୍ଥପର, ନିର୍ଭୀକ, ପରୋପକାରୀ ଓ ସତ୍ୟନିଷ୍ଠ । ତାଙ୍କର ଅପୂର୍ବ ଧୈର୍ଯ୍ୟ ଓ ସାହସ ଥିଲା । ବିଶ୍ୱଜିତ୍ ଯଜ୍ଞର ସଫଳତା ସମଗ୍ର ମାନବ ଜାତିର ମଙ୍ଗଳପାଇଁ ଉଦ୍ଦିଷ୍ଟ ଥିଲା । ତେଣୁ ଏପରି ଏକ ଯଜ୍ଞର ସଫଳତା ପାଇଁ ସେ ଅତ୍ୟନ୍ତ ଉତ୍ସୁକ ଥିଲେ । ଯଜ୍ଞ ନିମିତ୍ତ ପିତା ସର୍ବସ୍ୱ ଦାନ କରିବାକୁ ମନସ୍ଥ କରିଥିଲେ ମଧ୍ୟ ରୁଗ୍‌ଣ, ଜରାଜୀର୍ଣ୍ଣ ଗାଈମାନଙ୍କୁ ଅତିଥି ଅଭ୍ୟାଗତମାନଙ୍କୁ ପ୍ରଦାନ କରୁଥିବା ଲକ୍ଷ୍ୟକରି ସେ ବିମର୍ଷ ହୋଇପଡ଼ିଥିଲେ । ଏଣୁ ପିତାଙ୍କର ସେ ଅତି ପ୍ରିୟ ହୋଇଥିବାରୁ ତାଙ୍କୁ ଅତିଥି ଅଭ୍ୟାଗତମାନଙ୍କ ମଧ୍ୟରୁ କାହାକୁ ଦାନକଲେ ଯଜ୍ଞ ଅଧିକ ସଫଳ ହେବ ବୋଲି ସେ ମନେ କରୁଥିଲେ । ଏଥିରୁ ନଚିକେତାଙ୍କର ଅସୀମ ତ୍ୟାଗର ସୂଚନା ମିଳେ । ଯମରାଜାଙ୍କ ଅନୁଗ୍ରହ ଲାଭକରି ବରଲାଭ କରିବାକୁ ସୁଯୋଗ ପାଇ ମଧ୍ୟ ସେ ନିଜ ପାଇଁ କିଛି ନ ମାଗି ସଂସାରର ମଙ୍ଗଳ ପାଇଁ ବର ଭିକ୍ଷା କରିଥିଲେ । ପରମ ପୂଜ୍ୟ ପିତାଙ୍କ ଦୁଃଖମୋଚନ ପାଇଁ ଯମରାଜାଙ୍କୁ ଭିକ୍ଷା କରିଥିଲେ । ଅଥଚ ନିଜ ପାଇଁ କିଛି ସୁଖସୁବିଧା ଭିକ୍ଷା କରିବାପାଇଁ ମନ ବଳାଇ ନ ଥିଲେ । ଏଥିରେ ଯମରାଜ ବିସ୍ମିତ ହୋଇ ଏପରି ଏକ ଅଦ୍ଭୁତ ବାଳକର ଗୁରୁ ହେବା ନିଜର ସୌଭାଗ୍ୟ ବୋଲି ମନେକରିଥିଲେ । ଯମରାଜାଙ୍କ ପ୍ରଦତ୍ତ ଏକ ନୂତନ ମନ୍ତ୍ରର ସାଧନା ଓ ଯଜ୍ଞବିଧିକୁ ସେ ମନେରଖି ପ୍ରାଞ୍ଜଳଭାବରେ ବର୍ଣ୍ଣନା କରିପାରିଥିଲେ । ଏଥିରୁ ତାଙ୍କର ପ୍ରଖର ସ୍ମୃତିଶକ୍ତିର ପରିଚୟ ମିଳେ । ସଂସାରର ଦୁଃଖ, ପାପ ଓ ଯନ୍ତ୍ରଣାରୁ ଲୋକମାନଙ୍କୁ ମୁକ୍ତି ଦେବାପାଇଁ ନଚିକେତା ଯମରାଜାଙ୍କ ନିକଟରେ ଆକୁଳ ନିବେଦନ କରିଥିଲେ । ଏହିପରି ସତ୍ୟନିଷ୍ଠା, ପରୋପକାର, ସାହସ ଓ ଧୈର୍ଯ୍ୟଗୁଣକୁ ଅନୁଧ୍ୟାନ କରି ଯମରାଜ ନଚିକେତାଙ୍କୁ ମୃତ୍ୟୁଞ୍ଜୟୀ ଆତ୍ମଜ୍ଞାନର ଅଧିକାରୀ କରିଥିଲେ ।

୨ । ସପ୍ରସଙ୍ଗ ସରଳାର୍ଥ ଲେଖ ।

**"ଏହିପରି ଅସାଧାରଣ ଶିଷ୍ୟ ଲାଭକରି ତାଙ୍କ ମନ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଲା ।"**

ଉ– ଏହିପରି ଅସାଧାରଣ .................. କରିବାକୁ ଲାଗିଲା ।

ଶଂସିତ ଗଦ୍ୟାଂଶଟି ଚିନ୍ତାମଣି ବେହେରାଙ୍କ ଲିଖିତ 'ମୃତ୍ୟୁ ବିଜୟୀ ବାଳକ' ପ୍ରବନ୍ଧରୁ ଆନୀତ । ଏଠାରେ ଲେଖକ ବାଳକ ନଚିକେତାକୁ ଶିଷ୍ୟରୂପେ ପାଇ ଯମରାଜାଙ୍କ ମନ କିପରି ଆନନ୍ଦିତ ହୋଇଥିଲା ତାହା ବର୍ଣ୍ଣନା କରିଛନ୍ତି ।

ନଚିକେତା ତାଙ୍କର ଦ୍ୱିତୀୟ ବରରେ ସଂସାରବାସୀଙ୍କୁ ଦୁଃଖ, କଷ୍ଟ, ଶୋକ, ପାପ ଇତ୍ୟାଦିରୁ ରକ୍ଷାକରିବା ନିମନ୍ତେ ଆବଶ୍ୟକ ମନ୍ତ୍ର ଓ ଯଜ୍ଞବିଧି ଶିକ୍ଷା ଦେବାପାଇଁ ଯମରାଜାଙ୍କୁ ପ୍ରାର୍ଥନା କରିଥିଲେ । ଯମରାଜ ନଚିକେତାଙ୍କୁ ଶିଷ୍ୟରୂପେ ଗ୍ରହଣ କଲେ ଓ ସେ ପ୍ରାର୍ଥନା କରିଥିବା କଠିନ ମନ୍ତ୍ର ଓ ଯଜ୍ଞବିଧି ଶିକ୍ଷାଦେଲେ । ସେ ଶିକ୍ଷା ଦେଇଥିବା ମନ୍ତ୍ର ଓ ଯଜ୍ଞବିଧିକୁ ନଚିକେତା କେତେଦୂର ମନେରଖି ପାରିଛନ୍ତି, ତାହା ପରୀକ୍ଷା କଲେ ଓ ସେଥିପାଇଁ କେତେକ ପ୍ରଶ୍ନ ପଚାରିଲେ । ଯମରାଜଙ୍କ ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ନଚିକେତା ଦେଇଥିଲେ । ଏତେ କଠିନ ମନ୍ତ୍ର ଓ ଯଜ୍ଞବିଧି ପୂର୍ଣ୍ଣମାତ୍ରାରେ ନଚିକେତା ହୃଦୟଙ୍ଗମ କରିପାରିଥିବାରୁ ଯମରାଜଙ୍କ ହୃଦୟ ଆନନ୍ଦରେ ପୂରିଗଲା । ନଚିକେତାଙ୍କ ଭଳି ଜଣେ ଜ୍ଞାନୀ ଓ ଅସାଧାରଣ ଶିଷ୍ୟ ପାଇ ଯମରାଜା ନିଜକୁ ଭାଗ୍ୟବାନ ମନେକରି ନିଜର ରତ୍ନମାଳା ନଚିକେତାଙ୍କୁ ପିନ୍ଧାଇ ଦେଇଥଲେ ।

**୩.** ନଚିକେତା ମୃତ୍ୟୁଜୟୀ ଆତ୍ମଜ୍ଞାନର ଅଧିକାରୀ ହେଲେ କିପରି ?

ଉ– ନଚିକେତାଙ୍କ ଉପରେ ପରମ ପ୍ରୀତ ହୋଇ ଯମରାଜା ତାଙ୍କର ତୃତୀୟ ବରସ୍ୱରୂପ ତାଙ୍କୁ ସ୍ୱର୍ଗର ଅପୂର୍ବ ଭୋଗବିଳାସ, ପୃଥିବୀର ଅଖଣ୍ଡ ଆଧିପତ୍ୟ ଇତ୍ୟାଦି ଯାହା ପ୍ରାର୍ଥନା କରିବେ ତାହା ପ୍ରଦାନ କରିବେ ବୋଲି କହିଲେ । ମାତ୍ର ନଚିକେତା ତୃତୀୟ ବରରେ ତାଙ୍କୁ ମୃତ୍ୟୁଜୟୀ ଆତ୍ମଜ୍ଞାନ ଦେବାପାଇଁ ପ୍ରାର୍ଥନା କଲେ । ମହାଜ୍ଞାନୀ ଓ ମହର୍ଷିମାନେ ଯୁଗଯୁଗ ସାଧନା କରି ଯାହା ଜାଣିବାକୁ ସମର୍ଥ ହୋଇପାରନ୍ତି ନାହିଁ, କୋମଳମତି ନଚିକେତାଙ୍କୁ ସେଭଳି ଜଟିଳ ରହସ୍ୟର ଗଭୀରଜ୍ଞାନ କିପରି ପ୍ରଦାନ କରାଯାଇପାରିବ ବୋଲି ଯମରାଜା ଦ୍ୱନ୍ଦ୍ୱରେ ପଡ଼ିଲେ । ସେ ନଚିକେତାଙ୍କୁ ଅନ୍ୟ କୌଣସି ବିକଳ୍ପ ବର ପ୍ରାର୍ଥନା କରିବାକୁ ପ୍ରବର୍ତ୍ତାଇଲେ । ମାତ୍ର ନଚିକେତାଙ୍କ ମନରେ ଅନ୍ୟ କୌଣସି କାମନା ନଥିବାର ଜାଣି ଯମରାଜା ଅତ୍ୟନ୍ତ ଆନନ୍ଦରେ ନଚିକେତାଙ୍କୁ ଆତ୍ମଜ୍ଞାନର ଗୂଢ଼ତତ୍ତ୍ୱ ବିଷୟରେ କହିଥିଲେ । ଏହିପରି ନଚିକେତା ମୃତ୍ୟୁଜୟୀ ଆତ୍ମଜ୍ଞାନର ଅଧିକାରୀ ହୋଇପାରିଥିଲେ ।

ODM EDUCATIONAL GROUP
Changing your Tomorrow